ଉପକ୍ରମ : ଏହି ସୁବିଶାଳ ଭାରତ ଭୂମି ହେଉଛି ନାନା ଧର୍ମ , ନାନା ବର୍ଷ , ନାନା ଜାତି ଓ ସଂପ୍ରଦାୟର ଏକ ସମନ୍ବୟ ସ୍ଥଳୀ । ବୈଚିତ୍ରୀ ଯୋଗୁଁ ତାହା ଗୋଟିଏ ଉପମହାଦେଶ ରୂପେ କଥିତ । ବ୍ରିଟିଶ ଶାସନଭଳି ଏକ ପ୍ରବଳ ପରାକ୍ରାନ୍ତ ଶକ୍ତି ବିରୋଧରେ ଆମେ ସଂଗ୍ରାମ ଚଳାଇ ଶେଷରେ ଯେଉଁ ସାଫଲ୍ୟର ଅଧିକାରୀ ହୋଇପାରିଛୁ , ତାହାର ମୌଳିକ ଭିତ୍ତି କ'ଣ ? ଐକ୍ୟବଦ୍ଧ ସଂଗ୍ରାମ ଓ ସଂଘବଦ୍ଧ ପ୍ରଚେଷ୍ଟା ହିଁ ହେଉଛି ସେହି ଗୌରବମୟ ସାଫଲ୍ୟର କାରଣ । ଆଜି ସ୍ୱାଧୀନତା ପ୍ରାପ୍ତିର ଅର୍ଦ୍ଧଶତାବ୍ଦୀ ପରେ ମଧ୍ୟ ଆମେ ଆମର ଜାତୀୟ ସଂହତିକୁ ସୁଦୃଢ଼ କରି ଗଢ଼ି ପାରି ନାହିଁ । ସ୍ଥାନେ ସ୍ଥାନେ ଉତ୍କଟ ସାଂପ୍ରଦାୟିକତା , ଆଞ୍ଚଳିକ ସ୍ୱାର୍ଥଚିନ୍ତା , ପୁଣି ଭାଷାଗତ ଓ ପ୍ରାଦେଶିକ ବାଦବିବାଦର ନିକୃଷ୍ଟ ବ୍ୟାପାର କେବଳ ନିନ୍ଦନୀୟ ଘଟଣା ହୋଇନାହିଁ । ତାହା ଭାରତୀୟ ଐକ୍ୟ ମୂଳରେ କୁଠାରଘାତ କରୁଛି । ଆଜି ଆମର ଚିର ଆକାଂକ୍ଷିତ ମହାର୍ଘ ସ୍ୱାଧୀନତାକୁ ସୁରକ୍ଷିତ କରିବାକୁ ହେଲେ, ଜାତୀୟ ସଂହତି ହିଁ ପରମ ଆବଶ୍ୟକ ।

www.darkodisha.in

ଜାତୀୟ ସଂହତି ଅଭାବରେ କ୍ଷତି : ସଂହତିର ଅଭାବ ଯୋଗୁଁ ହିଁ ଅତୀତରେ ବୈଦେଶିକମାନେ ସୁଯୋଗ ଉଣ୍ଡି ଭାରତକୁ ଦୀର୍ଘଦିନ ଧରି ପରାଧୀନତାର ଶୃଙ୍ଖଳରେ ଆବଦ୍ଧ କରି ରଖିଥିଲେ । ସେଥିପାଇଁ ଏହି ମହାଜାତିର ମହାସଦନରେ ଉଠିଛି ଆକୁଳ କ୍ରନ୍ଦନର ଧ୍ୱନି ଏବଂ ଜନତା ସହିଛି ଅସୀମ ଶୋଷଣ ଓ ନିର୍ଯ୍ୟାତନା । ଧନଲିପ୍ସୁ ଓ ସାମ୍ରାଜ୍ୟ ଲିପ୍ସୁ ବିଧର୍ମୀ ବୈଦେଶିକ ଶତ୍ରୁମାନଙ୍କର କବଳିତ ହୋଇ ଏହି ପବିତ୍ର ଭୂମିର ସଂସ୍କୃତି ଓ ପରମ୍ପରାର ଅପମୃତ୍ୟୁ ଘଟିଛି । ସ୍ୱାଧୀନତା ପ୍ରାପ୍ତି ପରେ ପରେ ଧର୍ମଗତ ବିଭେଦକୁ କେନ୍ଦ୍ରକରି ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଯେଉଁ କଳହ ଘନୀଭୂତ ହେଲା, ତାହାରି ଫଳରେ ଦେଶ ବିଭାଜନ ଘଟିଲା ଓ 'ପାକିସ୍ତାନ' ନାମରେ ଏକ ସ୍ୱତନ୍ତ୍ର ମୁସଲମାନ ରାଷ୍ଟ୍ର ଗଠନ ହେଲା । ଆଜି ମଧ୍ୟ ଭାଷା ଆନ୍ଦୋଳନ , ସାଂପ୍ରଦାୟିକତା ଓ ନୂତନ ନୂତନ ପ୍ରଦେଶ ଗଠନ ଦାବି ଆମ ଜାତୀୟ ଐକ୍ୟ ଏବଂ ସଂହତିକୁ କ୍ଷୁର୍ଣ୍ଣ କରୁଅଛି । ରାଜନୀତିଜ୍ଞ ଓ ଦୂରଦର୍ଶୀମାନଙ୍କ ମତରେ ଭାରତର 'ଗଣତ' ଆଜି ଏବଂ କଠୋର ପରୀକ୍ଷା ମଧ୍ୟରେ ଗତି କରୁଛି । କମ୍ୟୁନିଷ୍ଟ ଚୀନ୍‌ର ଆକ୍ରମଣ ଧମକ , ଅମୀମାଂସିତ କାଶ୍ମୀର ସମସ୍ୟା ଓ ସେଥି ସହିତ ସନ୍ତ୍ରାସବାଦୀ

କାର୍ଯ୍ୟକଳାପ ପାକିସ୍ତାନର ସଂପ୍ରତି ଏକ ଉଦ୍‌ବେଗକର ପରିସ୍ଥିତି ସୃଷ୍ଟି କରିଛି । ଏଭଳି ଏକ ଜଟିଳ ମୁହୁର୍ତ୍ତରେ ଭାରତର ଆନ୍ତରୀଣ କଳହ ଓ ସଂହତିହୀନତା କେତେଦୂର ମାରାତ୍ମକ ତାହା ସହଜରେ ଅନୁମେୟ ।

ସଂହତିହାନିର କାରଣ : ଜାତିଗତ ବା ଧର୍ମଗତ ମନୋଭାବ , ସାଂପ୍ରଦାୟିକତା, ପ୍ରାଦେଶିକତା, ଆଞ୍ଚଳିକତାବାଦ, ଭାଷା ବିବାଦ , ଦଳୀୟ ସ୍ୱାର୍ଥ ସାଧନ ନିମନ୍ତେ ରାଜନୈତିକ ସଂଘର୍ଷ ଇତ୍ୟାଦି ରାଷ୍ଟ୍ରର ସଂହତିବାଧକ । ଗଣତାନ୍ତ୍ରିତ ସ୍ୱ ରାଷ୍ଟ୍ରମାନଙ୍କରେ ଯେଉଁଠି କି ନାଗରିକମାନେ ନିର୍ବିଘ୍ନ ସେଚ୍ଛାମତ ପ୍ରକାଶ କରିବାରେ ଅଧିକାରୀ ସେଠାରେ ଉପରୋକ୍ତ ବୈଷମ୍ୟଗୁଡ଼ିକ କେନ୍ଦ୍ରକରି ନାନା ସଂଘର୍ଷ ଜାତ ହୋଇଥାଏ । ବ୍ରିଟିଶ ଶାସନ କାଳରେ ସୁଚତୁର ଇଂରେଜମାନେ ସେମାନଙ୍କ ମାତୃଭାଷା ଇଂରେଜୀକୁ ଆମର ରାଷ୍ଟ୍ରଭାଷା ରୂପେ ଲଦିଦେଇ ଯାଇଥିଲେ ; କିନ୍ତୁ ସ୍ୱାଧୀନତା ପ୍ରାପ୍ତି ପରେ ଆପଣାର ଭାରତୀୟ ଭାଷାକୁ ଉପେକ୍ଷିତ କରି ଗୋଟିଏ ବୈଦେଶିକ ଭାଷାକୁ ରାଷ୍ଟ୍ରୀୟ ସମ୍ମାନର ଅଧିକାରୀ, କରିବା ଅସମୀଚୀନ ଭାବି ଚିନ୍ତାଶୀଳ ବ୍ୟକ୍ତିମାନେ ହିନ୍ଦୀକୁ ସେହି ସମ୍ମାନରେ ଭୂଷିତ କରିବାକୁ ସ୍ଥିରକଲେ । ଏବେ କିନ୍ତୁ ଉକ୍ତ ଭାଷା ସମସ୍ୟାକୁ ଭିତ୍ତି କରି ହିନ୍ଦୀଭାଷା ଉତ୍ତର ଭାରତୀୟ ଓ ଅଣହିନ୍ଦୀଭାଷା ଦକ୍ଷିଣ ଭାରତୀୟଙ୍କ ମଧ୍ୟରେ ଦେଖା ଦେଇଛି ଏକ ବିରାଟ ମତାନୈକ୍ୟ । ଉତ୍କଟ ଆଞ୍ଚଳିକତାବାଦ ଯୋଗୁଁ ସ୍ୱାଧୀନତା ପରେ ବମ୍ବେ, ମାନ୍ଦ୍ରାଜ, ପଞ୍ଜାବ, ଆସାମ, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ପ୍ରଭୃତି ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇଛି ଏବଂ ପ୍ରତିଦିନ ନୂତନ ନୂତନ ପ୍ରଦେଶ ଗଠନ ନିମନ୍ତେ ଦାବି ଉପସ୍ଥାପନ କରାଯାଉଛି । ଅନୁନ୍ନତ ଜାତି ଓ ସଂପ୍ରଦାୟର ସ୍ୱାର୍ଥରକ୍ଷା ନାମରେ 'ଆଦିବାସୀ', 'ହରିଜନ' ଇତ୍ୟାଦି ଶ୍ରେଣୀ ସୃଷ୍ଟିକରି ସମ୍ବିଧାନରେ ସେମାନଙ୍କ ପାଇଁ ଯେଉଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଓ ସାହାଯ୍ୟ ଦାନର ବ୍ୟବସ୍ଥା କରାଯାଇଛି, ପରୋକ୍ଷରେ ତାହା ଜାତୀୟ ଐକ୍ୟବାଧକ । ଶାସନକ୍ଷେତ୍ରର ପ୍ରିୟାପ୍ରୀତି ତୋଷଣର କୁସିତ ବ୍ୟାପାର ସହିତ ଯେଉଁ ଜାତିଗତ ସଂକୀର୍ଣତା ଏବେ ଉପସ୍ଥିତ ହୋଇଛି , ସେହି ଦ୍ୱାର ଦେଇ ଜାତୀୟ ଜୀବନର ପ୍ରତି ରନ୍ଧ୍ର ବିଷକୀଟ ପ୍ରବେଶ କରୁଛି ।

www.darkodisha.in

ସଂହତି ରକ୍ଷାର ଉପାୟ : ଜାତୀୟ ସଂହତି ପ୍ରତିଷ୍ଠା ନିମନ୍ତେ ଜନସାଧାରଣଙ୍କଠାରେ ସାଧୁ ମନୋଭାବ, ଉଦାର ଦୃଷ୍ଟିକୋଣ ଓ ରାଷ୍ଟ୍ର ପ୍ରତି ଆନୁଗତ୍ୟ ରହିବା ଆବଶ୍ୟକ । ବୃହତ୍ତର ସ୍ୱାର୍ଥ ସାଧନ ନିମନ୍ତେ କ୍ଷୁଦ୍ରତର ଏବଂ ସଂକୀର୍ଣ୍ଣ ସ୍ୱାର୍ଥଚିନ୍ତାକୁ ବଳି ଦେବାକୁ ହେବ । ଗଣତାନ୍ତ୍ରିକ ସ୍ୱାଧୀନ ରାଷ୍ଟ୍ରରେ ଯେତେବେଳେ ଦେଶର ସର୍ବନିମ୍ନ ବ୍ୟକ୍ତି ମଧ୍ୟ ସମାନ ଅକାରରେ ଭୂଷିତ , ସେଠାରେ ରାଷ୍ଟ୍ରର ପ୍ରତ୍ୟେକଟି ମୁଦ୍ରା ସମାନ ବିଚାରରେ ବ୍ୟୟିତ ହେବା ଆବଶ୍ୟକ , ଯଦ୍ଦ୍ୱାରା ସର୍ବାଧିକ ସଂଖ୍ୟକ ବ୍ୟକ୍ତି ଉପକୃତ ହେବାର ସୁଯୋଗ ଲାଭକରି ପାରିବେ । ଦୁର୍ଗାପୁରରେ ଶିଳ୍ପ ପ୍ରତିଷ୍ଠାନ ଯେ କୌଣସି ପ୍ରାନ୍ତରେ ଥାଉ , ହିନ୍ଦୁସ୍ଥାନ ଯନ୍ତ୍ରପାତି କାରଖାନା ଯେ କୌଣସି ପ୍ରାଦେଶିକ ସୀମାନ୍ତର୍ଗତ ହୋଇଥାଉ, ତାହା ଯେ ଭାରତୀୟ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଏବଂ ଭାରତୀୟ ନାଗରିକ ଭାବରେ ୧୦୦ କୋଟି ଜନତାର ତା ଉପରେ ସମାନ ଅଧିକାର ଅଛି , ଏହି ଚିନ୍ତା ଆଜି ଉତ୍କୃଷ୍ଟ । ପୁଣି ଆମ୍ଭମାନଙ୍କ ମଧ୍ୟରେ ପରସ୍ପର ଯେତେ ବାଦ ବିସଂବାଦ ଓ ମତାନିକ୍ୟ ଥିଲେ ମଧ୍ୟ ଆମ୍ଭେମାନେ ଏକ ଜନନୀ ଭାରତମାତାର ସନ୍ତାନ , ଏକ ଜାତି ମହାଭାରତୀୟ ଏବଂ ଏକ ଧର୍ମାବଲମ୍ବୀ ତାହା ହେଉଛି ସତ୍ୟ, ଶାନ୍ତି, ଅହିଂସା, ଏକଥାକୁ ବିତ ହୋଇଯିବା ଉଚିତ୍ ନୁହେଁ ।

ଶେଷକଥା : ଆଜି ଆମକୁ କେବଳ ଜାତୀୟ ସଂହତି ଏବଂ ଜାତୀୟ ଐକ୍ୟ ନିମନ୍ତେ ସଂଗ୍ରାମ କରିବାକୁ ହେବ ନାହିଁ , ଆନ୍ତର୍ଜାତୀୟ ଐକ୍ୟ ଏବଂ ସୌହାଦ୍ଦୀର ଆଦର୍ଶରେ ଅନୁପ୍ରାଣିତ ହୋଇ ଆହୁରି ଏକ ବୃହତ୍ତର ସ୍ୱାର୍ଥ ନିମନ୍ତେ ଚେଷ୍ଟା କରିବାକୁ ହେବ । ବୃକ୍ଷମାନଙ୍କର ଚରର ବନ୍ଧନ ମୃତ୍ତିକାକୁ ସଂହତ କରି ଯେପରି ସୁଦୃଢ଼ ଓ ସୁରକ୍ଷିତ କରେ,ଆମ୍ଭମାନଙ୍କର ପାରସ୍ପରିକ ଐକ୍ୟଚିନ୍ତା ଓ ମୈତ୍ରୀବନ୍ଧନ ସେହିପରି ଜାତୀୟ ସଂହତିକୁ ସୁଦୃଢ଼ କରି ଆମର ସାମାଜିକ ଜୀବନକୁ ସରସ ଓ ସୁନ୍ଦର କରିବ ।

Read Also All: [Odia Essay]
www.dakodisha.in